ଅର୍ଜୁନର ପ୍ରତିଜ୍ଞା
ଅଗସ୍ତି କହିଲେ ଯେ ପୁରାଣ ସଂଯୋଗେ
ଅର୍ଜୁନ ପ୍ରତଗ୍ୟାଂ କହନ୍ତି ଯେ ବଇବସୁତ ମନୁ ଆଗେ । ୧
ଦ୍ରୋଣଙ୍କର ଭାରିଯା ପାକ ସ- ।ଦନ କରି
ସ୍ନାହାନ ନିମନ୍ତେ ଯେ ଯାଆନ୍ତି ବ୍ରହ୍ମଚାରୀ । ୨
ସୁରଭି ନଦୀକୁ ସ୍ନାହାନ କରିଣ ଯାଉଣ ଦୀର୍ଘ ପଥେ
ବାଟରେ ତେନ୍ତୁଳି ବୃକ୍ଷେକ ଦେଖିଲେ ଭାରଦ୍ୱାଦଶଙ୍କର ସୁତେ । ୩
ବୋଇଲେ ଦ୍ରୋଣେ ପଲ୍ଲବ ହୋଇଛି ବୃକ୍ଷରାଜ
ବେଗେଣ ଦ୍ରୋଣେ ପେଷଲେ କତୁରୀ ନାରାଜ । ୪
ବୃକ୍ଷରୁ ପତ୍ର ଯାକ ଝାଡି ପକାଇଲେ
ଜାହ୍ନବୀକି ବୋଲି ଗୁରୁ ସ୍ନାହାନ କରି ଗଲେ । ୫
ୟେମନ୍ତ ସମୟେ ଯେ ଅର୍ଜୁନ ଅଇଲା
ଗୁରୁଙ୍କ ଘରଠାରେ ପ୍ରବେଶ ହୋଇଲା । ୬
ଅର୍ଜୁନେ ପଚାରିଲେ ଗୁରୁ ଗଲେ କେଣେ
ଅନ୍ନତିଆରି କର ବାବୁ ଗୁରୁ ଗଲେ ସ୍ନାହାନେ । ୭
ୟେତେ ଶୁଣି ବୀର ସେହି ପଥେ ଗବନ
ବାଟରେ ଦେଖିଲେ ତେନ୍ତୁଳି ବୃକ୍ଷର ବେବସ୍ତାମାନ । ୮
ଚଇତ୍ର ମାସ ନୋହଇ ୟେତ ପତ୍ର ଝଡା ଦିଲା
ୟେତେ ବୋଲି ସେ ବୃକ୍ଷରାଜ କତିଲେ ହୋଇଲା । ୯
-------
୨୦।୨ କିଞ୍ଚିତ ଖଣ୍ଡଣ କରିବା ନାଥ ସକଳ ମୋହ ପାଶ ।
କ୍ଳେଶ ଖଣ୍ଡନ କର ସ୍ୱାମୀ ନ ଯିବି ନାଶକର ପାଶ ।

ଦେଖଇ ପତ୍ର ଯେ ନାରାଜେ ଛେଦନ
ହୃଦରେ ବିଚାରି ବୋଲଇ ଦ୍ରୋଣଙ୍କ କଥାମାନ । ୧୦
ୟେ ମହାଖରାରେ ବୃକ୍ଷ ହେଉଛି ଦଗଧି
ଦେଖିଣ ହୃଦଗତେ ମନରେ ବଡ କ୍ରୋଧୀ । ୧୧
ପବନା ଶରେକ ଗୁଣରେ ବସାଇଲା
ପତ୍ରମାନ ଉଡାଇ ଯେ ଯାହା ଠାବରେ ଲଗାଇଲା । ୧୨
ମନ୍ତ୍ରବଳେ ଶୁଖିଲା ପତ୍ର କଞ୍ଚା କରି
ସମସ୍ତ ଲଗାଇଲା ନେଇ ମନ୍ତ୍ରବଳ କରି । ୧୩
ୟେତେ କୃତ୍ୟ କରି ବାହୁଡି ଅଇଲା
ନିଜ ମନ୍ଦିରେ ଯାଇ ପ୍ରବେଶ ହୋଇଲା । ୧୪
ଗୁରୁ ସ୍ନାହାନ ତର୍ପଣ ବେଗେ ସାରି
ବାହୁଡି ଆସନ୍ତେ ବାଟରେ ବୃକ୍ଷ ଦେଖିଲେ ବ୍ରହ୍ମଚାରୀ । ୧୫
ଚାହିଂଣ ଦେଖିଲେ ମୁଂ ପତ୍ର ଝାଡି ଡାଙ୍ଗ କରି ଯାଇଥିଲି
ୟେହା କଲା କେହୁ ମୁଂ ତାହାକୁ ହାରିଲି । ୧୬
ୟେତେ ବୋଲି ଦ୍ରୋଣେ ତୁରିତେ ଅଇଲେ
ଘରେ ଆସି ଦ୍ରୋଣେ ଭୋଜନେ ବସିଲେ । ୧୭
ବୋଇଲେ ହରିତା ଗୋ ୟେଠାକୁ ଆସିଥିଲେ କିୟେ
ବୋଇଲେ ୟେଠାକୁ ଆସିଥିଲା ବାସବର ପୋୟେ । ୧୮
ବିଚାରି ବୋଇଲେ ୟେହାର ଛେଦନ
କାଲି ପଚାରି ବୁଝିବା ୟେ କଥା ଅର୍ଜୁନ । ୧୯
ରାତ୍ର ପାହିଲେ ଉଦୟ ହୋଇଲେ ମାରତଣ୍ଡ
ସମସ୍ତେ ଆଖଡାଶାଳେ ହୋଇଲେକ ରୁଣ୍ଡ । ୨୦

ଗୁରୁ ବୋଇଲେ ଅର୍ଜୁନ ଗଲୁ ଯେ ଆମ୍ଭର ମନ୍ଦିରେ
ଆମ୍ଭଙ୍କୁ ଉଦ୍ଦେଶି ଗଲୁ ତୁ ଯେ ଗତ ଯେ ପଥରେ । ୨୧
ସେ ବୃଷରାଜକୁ ବାବୁ କେବଣ କୃତ୍ୟ କଲୁ
ଶୁଣିଲେ କୁରୁବୀରେ ଗୁରୁଙ୍କ ମୁଖରୁ । ୨୨
ବାବୁ ସମସ୍ତ ପତ୍ର ଭାଞ୍ଜି ସୁମନ୍ତବଳେ ଗଲି ଭଲା
ଶୁଖିଲା କଞ୍ଚା ଶରେ ପବନା ଶରେ ଉଡାଇ ଖଞ୍ଜିଲା । ୨୩
ଶୁଣି କୁରୁବୀରେ ହୋଇଲେ ତରସ୍ତ
କି ଜାଣି ତରଳ ଭାଣ୍ଡେ ପଡିଲା କୀଟ ପୋକ । ୨୪
ବାବୁ ତୋହୋର ଉଦିତରେ କୁଟୁମ୍ବେ ବିଗ୍ରହ ପଡିବ
ଅବଶ୍ୟ ଦ୍ରିଯୋଧନ ଯୁଝେଷ୍ଠିଙ୍କର ସାଂଗ୍ରାମ ହୋଇବ । ୨୫
ଯେତେକ ବଚନ ଶୁଣିଣ ଧୃତରାଷ୍ଟି
ମନରେ ଗରୁ ଚିନ୍ତା ବାହାରେ ଭାବ ତୁଷ୍ଟି । ୨୬-୪୨୭୬
------
୧୨ ।୨  ପତ୍ରମାନ ଉଡାଇ ଯେ ଯାହା ତେମ୍ଫରେ ଲଗାଇଲା ।

************